# ଶରତ-ନଈ-କୂଳେ

## କବି:ରାଧାମୋହନ ଗଡନାୟକ

## ଶ୍ରେଣୀ:ଷଷ୍ଠ

## ଚତୁର୍ଥ ଦିନ

ODM EDUCATIONAL GROUP
Changing your Tomorrow

CHANGING YOUR TOMORROW

Website: www.odmegroup.org
Email: info@odmps.org
Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

**SUB-CONCEPTS:** ଶରତ ଆକାଶରେ ପକ୍ଷୀମାନଙ୍କ ସ୍ୱର ଓ ମେଘମାଳର ଦୃଶ୍ୟ ।

ପୂର୍ବ ପାଠର ଆଲୋଚନା-

୧.ମଉନ ହୋଇ କିଏ ବସିଛି ?
୨.ଗୋପାଳ ପୁଅ କ'ଣ କରୁଛି ?
୩.ଶେଫାଳି ଫୁଲ କେଉଁଠି ଫୁଟିଛି ?

# କବିତାଂଶ

## ବ୍ୟାଖ୍ୟା:

ସେତିକି ବେଳେ ତହିଁ
ଶଙ୍ଖଚିଲ ଉଠଇ ଡାକି
ଆକାଶେ ରହି ରହି ।
ଦୂରେ ଯେ ଥିଲେ ବାଳକ ଦଳ
ଉଚ୍ଚେ ମିଶି ତୋଳିଲେ ସ୍ୱର,
ହେଇରେ ଭାଇ
ବିଜୟ-ଶିରୀ,
ଦେଖରେ ଦେଖ ଭାଇ!

ଶରତ ଲଗନରେ
ସୁନୀଳ ଏକ ବଉଦ ଉଡେ
ଧୂସର ଗଗନରେ ।
ଉପରେ ମେଘ,ତଳେ ଏ ନଈ
ମନରେ ମୋର ଦିଅଇ କହି
ସୃଷ୍ଟି ଧାମେ
ସୁଷମା ଆମେ
ଭରୁଛୁ ଜୀବନରେ ।

- ଆକାଶରେ ଶଙ୍ଖଚିଲ ଉଡି ବୁଲି ରହି ରହି ଡାକୁଛି । ଦୂରରେ ଯେଉଁ ବାଳକମାନେ ଥିଲେ,ସେମାନେ ଉଚ୍ଚ ସ୍ୱରରେ କହି ଉଠିଲେ"ହେଇରେ ଭାଇ! ବିଜୟ ସଂପଦକୁ ଦେଖ ।"ଶରତର ଏଇ ଶୁଭ ଅବସରରେ ଧୂସର ଆକାଶରେ ସୁନୀଳ ବଉଦ ଉଡିଯାଉଛି ।ଉପରେ ମେଘମାଳ,ତଳେ ନଈ ବହି ଯାଉଛି । କବି କହୁଛନ୍ତି ଏପରି ଏକ ପରିବେଶକୁ ଦେଖି ମୋ ମନରେ ସତେ ଯେପରି କିଏ କହୁଛି ଏ ସୃଷ୍ଟିର ଜନ ଜୀବନରେ ଆମେ ସୌନ୍ଦର୍ଯ୍ୟକୁ ଆମେ ଭରି ଦେଇଛୁ ।

# କଠିନ ଶବ୍ଦର ଅର୍ଥ:

ଚିତ୍ତ-ହୃଦୟ
ସାଥେ-ସହିତ
ଶିରୀ-ସମ୍ପଦ
ସୃଷ୍ଟିଧାମେ-ଏ ପୃଥିବୀରେ
ସୁଷମା-ସୌନ୍ଦର୍ଯ୍ୟ

# ବ୍ୟାକରଣଗତ ଶବ୍ଦ:

**ପ୍ରତିଶବ୍ଦ:**

ଆକାଶ-ନଭ,ଗଗନ

ଶିରୀ-ସମ୍ପଦ,ସୌନ୍ଦର୍ଯ୍ୟ

ନଈ-ତଟିନୀ,ସରିତ

**ଗଦ୍ୟରୂପ:**

ଲଗନ-ଲଗ୍ନ

ଚକର-ଚକ୍ର

ODM EDUCATIONAL GROUP

# ଗୃହକର୍ମ:

## କବିତାଟିକୁ ପଢ଼ି ତା’ର ସାରକଥା ଲେଖ ।

# THANKING YOU

# ODM EDUCATIONAL GROUP